# ଅଙ୍ଗନୱାଡି କର୍ମୀ ସଂଘର ଧାରଣା

**ଫୁଲବାଣୀ ଅଫିସ/ଛତ୍ରପୁର/ ପାରଳାଖେମୁଣ୍ଡି,(ଡି.ଏନ.ଏ)୭।୪**

ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ୍ ୱାର୍କର୍ସ ଆସୋସିଏଶନ କନ୍ଧମାଳ ଶାଖା ପକ୍ଷରୁ ଅଙ୍ଗନୱାଡି କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ନେଇ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏଥିସହ ସଂଘ ପକ୍ଷରୁ ୧୪ ଦଫା ସମ୍ବଳିତ ଏକ ପତ୍ର ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି । ଅଙ୍ଗନୱାଡି କର୍ମୀ ଏବଂ ସହାୟିକାମାନେ ସ୍ଥାନୀୟ ମାଦିକୁନ୍ଦା ଛକରୁ ରାଲିରେ ବାହାରି ସହର ପରିକ୍ରମା କରି ସେମାନଙ୍କ ପ୍ରତି ହେଉଥିବା ଅବହେଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ନାରାବାଜି କରିଥିଲେ। ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭାରେ ସଂଘ କର୍ମକର୍ତ୍ତା ଅଙ୍ଗନୱାଡି କର୍ମୀ ଏବଂ ସହାୟିକାମାନେ ଦୈନନ୍ଦିନ ଜୀବନରେ ଭୋଗୁଥିବା ସମସ୍ୟା ଉପରେ ଆଲୋଚନା କରିଥିଲେ।



ଫୁଲବାଣୀରେ ଅଙ୍ଗନୱାଡି କର୍ମଚାରୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଅଙ୍ଗନୱାଡି କର୍ମୀଙ୍କୁ ସରକାରୀ କର୍ମଚାରୀ ମାନ୍ୟତା, ମାନ୍ୟତା ମିଳିବା ଯାଏ କର୍ମୀଙ୍କୁ ମାସିକ ୨୧ ହଜାର ଓ ସହାୟିକାଙ୍କୁ ୧୫ ହଜାର ଟଙ୍କା ପ୍ରଦାନ, ଅବସରକାଳୀନ ରାଶି ୫ ଲକ୍ଷ ଏବଂ ପେନ୍‌ସନ ୫୦୦୦ ଟଙ୍କା ପ୍ରଦାନ, ମୃତ୍ୟୁକାଳୀନ ସହାୟତା ରାଶି ୫ ଲକ୍ଷ, ଅଙ୍ଗନୱାଡି କର୍ମୀଙ୍କୁ ଶତ ପ୍ରତିଶତ ସୁପରଭାଇଜର ଭାବରେ ପଦୋନ୍ନତି, କରୋନାରେ ମୃତ୍ୟୁ ଘଟିଥିବା କର୍ମୀ ଏବଂ ସହାୟିକାଙ୍କୁ କେନ୍ଦ୍ର ସରକାର ଦ୍ୱାରା ଘୋଷିତ ୫୦ ଲକ୍ଷ ଟଙ୍କାର ବୀମା ପ୍ରଦାନ, ରବିବାର କିମ୍ବା ଛୁଟିଦିନରେ କାମ କଲେ ଦୁଇଗୁଣ ଦରମା ପ୍ରଦାନ ଆଦି ଦାବି ସମ୍ବଳିତପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ। ଜିଲା ସଭାନେତ୍ରୀ ଶର୍ମିଷ୍ଠା ନାୟକ ଏବଂ ସମ୍ପାଦିକା ସାରଦା ପରିଚ୍ଛାଙ୍କ ନେତୃତ୍ୱରେ ବହୁ ସଂଖ୍ୟାରେ କର୍ମୀ ଏବଂ ସହାୟିକା ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

ସେହିପରି ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ୍ ୱାର୍କର୍ସ ଆସୋସିଏଶନ୍ ଗଞ୍ଜାମ ଜିଲା ଶାଖା ପକ୍ଷରୁ ଛତ୍ରପୁରସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା । ପରେ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଲୀନା କୁମାରୀ ଖେସ୍‌ଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୨୪ ଦଫା ଦାବିପତ୍ର ଓ ଜିଲାପାଳଙ୍କ ଉଦ୍ଦେଶ୍ୟରେ ୧୪ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ସେହିପରି ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଅଙ୍ଗନୱାଡି କର୍ମୀ ଓ ସହାୟିକାମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପୂରଣ ଦିଗରେ ଉଚିତ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି।

# ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ

**ପାରଳାଖେମୁଣ୍ଡି,୭।୪(ଡି.ଏନ୍.ଏ.)**

ଗୋଷାଣୀ ବ୍ଲକ କେରାଣ୍ଡି ପଞ୍ଚାୟତ କାର୍ଯ୍ୟାଳୟରେ ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ସରପଞ୍ଚ, ମହିଳା ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀ, ଆଶା, ଅଙ୍ଗନୱାଡି କର୍ମୀ, ଶିକ୍ଷକ, ଗ୍ରାମ ରୋଜଗାର ସେବକ ଏବଂ ସ୍କୁଲର କିଶୋର ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ବ୍ଲକ ଶିଶୁ ବିକାଶ ଯୋଜନା ଅଧିକାରିଣୀ ଗୌରୀ ନାୟକ, ସୁପରଭାଇଜର ଶଶୀ ଗମାଙ୍ଗ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟତଃ ବାଲ୍ୟବିବାହ, ଶିଶୁ ଶ୍ରମିକ, ଶିଶୁ ଚାଲାଣ, ଶିଶୁ ଯୌନ ଶୋଷଣ, ଭ୍ରୂଣ ହତ୍ୟା ଆଦି ରୋକିବା, ଆଶୀର୍ବାଦ ଯୋଜନା, କିଶୋର ସଶକ୍ତୀକରଣ



ମଞ୍ଚାସୀନ ଅତିଥିମାନେ ।

ଯୋଜନା ବିଷୟରେ ଆଲୋଚନା କରାଯାଇଥିଲ। ଏଥିସହ ବିଭିନ୍ନ ଆଇନ ଖିଲାପ କଲେ ଦଣ୍ଡବିଧାନ ଥିବା ସଚେତନ କରାଯାଇଥିଲା। ଜିଲାସ୍ତରୀୟ ଚାଇଲଡଲାଇନ କର୍ମୀ ମାନେ ଶିଶୁ ଚାଲାଣ କିପରି ହୁଏ ଓ ଶିଶୁମାନଙ୍କର ଥଇଥାନ ବିଷୟରେ ଆଲୋଚନା କରିଥିଲେ। ଶେଷରେ ବାଲ୍ୟବିବାହ ଯେଭଳି ମୂଳପୋଛ ହେବ ସେଥିନିମନ୍ତେ ଜନ ଜାଗରଣ ବୃଦ୍ଧି କରାଇବା ନିହାତି ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା ।

## ବାଖରକଟାରେ ସିଡିଏମ୍‌ଓଙ୍କ ଅନୁଧ୍ୟାନ

### ଆଉ ୩ ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ

**ଧରାକୋଟ,୭।୪(ଡି.ଏନ୍.ଏ.)**

ଧରାକୋଟ ବ୍ଲକ ବାହାରପୁର ପଞ୍ଚାୟତ ଅଧୀନ ବାଖରକଟା ଗ୍ରାମରେ ବ୍ୟାପିଥିବା ଝାଡ଼ାବାନ୍ତି ନିୟନ୍ତ୍ରଣରେ ରହିଥିଲେ ମଧ୍ୟ ଗୁରୁବାର ଆଉ ୩ ଜଣ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ଝାଡ଼ାବାନ୍ତିରେ ୬୩ ଜଣ ଆକ୍ରାନ୍ତ ହେଲେଣି। ବାହାରପୁର, ସରପଡ଼ା ଓ ଓଲାମ୍ବା ଗ୍ରାମକୁ ମଧ୍ୟ ଏହା ବ୍ୟାପୁଥିବା ଜଣାଯାଇଛି। ଗୁରୁବାର ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) ରମାକାନ୍ତ ମିଶ୍ର ଡାକ୍ତରୀ ଟିମ୍ ସହ ବାଖରକଟା ଓ ନିକଟସ୍ଥ ଗ୍ରାମ ପରିଦର୍ଶନ କରିଥିଲେ। ଗାଁ ନିକଟରେ ଯାଇଥିବା ନାଳପାଣିରୁ ଝାଡ଼ାବାନ୍ତି ବ୍ୟାପିଥିବା ସନ୍ଦେହ କରାଯାଉଥିବା ବେଳେ ଚୈତ୍ର ପର୍ବ ଓ ଦଣ୍ଡନାଚ ପଣା ଏବଂ ଭୋଗ ଖାଇ ଏହି ରୋଗ ବ୍ୟାପିଥିବା ମଧ୍ୟ ଅନୁମାନ କରାଯାଉଛି।

## ଅରାପାଜୁରେ ପଞ୍ଚଶମ୍ଭୁ ମିଳନ

**ବଲସକୁମ୍ପା,୭।୪**

ଖଜୁରିପଡ଼ା ବ୍ଲକ ଅଧୀନ ଅରାପାଜୁ ଆମ୍ବତୋଟାରେ ବୁଧବାର ପଞ୍ଚଶମ୍ଭୁ ମହାମିଳନ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ପଞ୍ଚଶମ୍ଭୁଙ୍କୁ ବରଣ କରାଯାଇଥିଲା। ପରେ ପଞ୍ଚଶମ୍ଭୁ ତଥା ସରାଗୁଡର ବାଲୁଙ୍କେଶ୍ୱର, ଟାଙ୍କୁଡାର ଗୁପ୍ତେଶ୍ୱର, କେରେଡର ଚମ୍ପେଶ୍ୱର, ଗୋଛାପଡାର ଯୋଗେଶ୍ୱର, ଶରଧାପୁରର ମହେଶ୍ୱର ନଗର ପରିକ୍ରମା କରିଥିଲେ। ଅପରାହ୍ନ ୨ଟାରେ ଧୂଳିଦଣ୍ଡ ଓ ୫ଟାରେ ଚଉଁରି ସେବା କରାଯାଇଥିଲା। ଏହାପରେ ପାଣି ଦଣ୍ଡ ହୋଇଥିଲା। ପଞ୍ଚ ମହାଦେବ ମିଳନ କରାଯାଇଥିଲା । କାର୍ଯ୍ୟକ୍ରମ ଅରାପାଜୁ ଗ୍ରାମ କମିଟି ଦ୍ୱାରା ଆୟୋଜନ କରାଯାଉଥିବା ବେଳେ ସଭାପତି ରାଜେନ୍ଦ୍ର ପ୍ରଧାନ, ଉପ ସଭାପତି ଜୟଦେବ ଦେହୁରୀ, ଉପଦେଷ୍ଟା ହିମାଂଶୁ ଶେଖର ଜାନି, ସମ୍ପାଦକ ରାଧାକାନ୍ତ ବେହେରା କୋଷାଧ୍ୟକ୍ଷ ରଞ୍ଜନ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ।

# ୫୦ରୁ ଊର୍ଦ୍ଧ୍ୱ ଭାଜପା କାର୍ଯ୍ୟକର୍ତ୍ତାଙ୍କ ଇସ୍ତଫା

**ହିଞ୍ଜିଳିକାଟୁ,୭।୪(ଡି.ଏନ୍.ଏ)**

ହିଞ୍ଜିଳି ବିଧାନସଭାର ହିଞ୍ଜିଳି, ଶେରଗଡ଼ ବ୍ଲକ ସମେତ ପୌରାଞ୍ଚଳର ୫୦ରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଗୁରୁବାର ଭାଜପାରୁ ଇସ୍ତଫା ଦେଇଛନ୍ତି। ଏ ନେଇ ଏକ ପତ୍ର ରାଜ୍ୟ ଭାଜପା ସଭାପତିଙ୍କ ନିକଟକୁ ପଠାଯାଇଛି। ବୁଧବାର ଭାଜପାର ପୂର୍ବତନ ରାଜ୍ୟ ଉପସଭାପତି ଦେବାନନ୍ଦ ମହାପାତ୍ର ଭାଜପାରୁ ଇସ୍ତଫା ଦେଇଥିଲେ। ତାଙ୍କ ଭାଜପାରୁ ଇସ୍ତଫା ପାର୍ଟି ପାଇଁ କୌଣସି ପ୍ରଭାବ ପଡ଼ିବ ନାହିଁ ବୋଲି ଭାଜପା ପକ୍ଷରୁ କୁହାଯାଇଥିବା ବେଳେ ଗୁରୁବାର ବିଭିନ୍ନ ଅଞ୍ଚଳରୁ କର୍ମୀ ଇସ୍ତଫା ଦେଇଛନ୍ତି। ଦେବାନନ୍ଦଙ୍କ ବହୁ ଅନୁଗାମୀ ଭାଜପାରେ ଏକଛତ୍ରବାଦ, ଜନ ବିରୋଧୀ, ସମର୍ପିତ କାର୍ଯ୍ୟକର୍ତ୍ତାଙ୍କୁ ଅବହେଳା , ମହିଳା ଓ ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କୁ ଅସମ୍ମାନ ଦର୍ଶାଇ ଇସ୍ତଫା ଦେବା ରାଜନୈତିକ ଚର୍ଚ୍ଚା ସୃଷ୍ଟି କରିଛି। ଜିଲା ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ରଶ୍ମିତା ବେହେରା, ଦାରୁଭଦ୍ରା ସରପଞ୍ଚ ବିକାଶ ସେଠୀ, ଗଣ୍ଡଳା ମଣ୍ଡଳ ସଭାପତି ଉମାକାନ୍ତ ପାଢ଼ୀ, କଞ୍ଚୁରୁ ମଣ୍ଡଳ ସଭାପତି ରାମକୃଷ୍ଣ ମହାନ୍ତି, ଜିଲା ଅନୁସୂଚିତ ଜାତି ଉପସଭାପତି ଦେବରାଜ ନାୟକ, ଗଣ୍ଡଳା ମଣ୍ଡଳ ସାଧାରଣ ସମ୍ପାଦକ ପି.କୃଷ୍ଣମୂର୍ତ୍ତି, ଯୁବମୋର୍ଚ୍ଚା ସଭାପତି ଶ୍ରୀମନ୍ତ ଚୌଧୁରୀ, ହରିକୃଷ୍ଣ ସାହୁ, ସଞ୍ଜୟ ରାଉଳ ପ୍ରମୁଖଙ୍କ ସହ ୫୦ରୁ ଊର୍ଦ୍ଧ୍ୱ ବିଭିନ୍ନ ମଣ୍ଡଳର ମହିଳା, ଯୁବ କାର୍ଯ୍ୟକର୍ତ୍ତା ଇସ୍ତଫା ଦେଇଛନ୍ତି। ସପ୍ତାହେ ମଧ୍ୟରେ ଗଞ୍ଜାମ ଜିଲାର ବହୁ ଭାଜପା କାର୍ଯ୍ୟକର୍ତା ଇସ୍ତଫା ଦେବେ ବୋଲି ମହାପାତ୍ର କହିଛନ୍ତି।

## ତାଲିମ ନେଲେ ପୋଲିସ ଓ ପରିବହନ ବିଭାଗ ଅଧିକାରୀ

**ବ୍ରହ୍ମପୁର ଅଫିସ,୭।୪**

ପରିବହନ ବିଭାଗ ପକ୍ଷରୁ ସ୍ଥାନୀୟ ଟାଉନ ହଲ୍‌ଠାରେ ଦୁର୍ଘଟଣା ପରବର୍ତ୍ତୀ ଅନୁସନ୍ଧାନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଦୁଇଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ଜିଲାର ବହୁ ପୋଲିସ ଓ ପରିବହନ ବିଭାଗ କର୍ମଚାରୀ ଯୋଗ ଦେଇଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସଭାପତିତ୍ୱ କରିଥିବା ବେଳେ ଦକ୍ଷିଣାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ବ୍ରହ୍ମପୁର ଉପଜିଲାପାଳ ଭି. କୀର୍ତ୍ତିଭାସନ ଓ ବିଏମ୍‌ସି କମିଶନର ଡା. ସିଦ୍ଧେଶ୍ୱର ବାଳିରାମ ବୋନ୍ଦାର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଦୁର୍ଘଟଣା ପରେ କରାଯାଉଥିବା ଅନୁସନ୍ଧାନ ପୁଙ୍ଖାନୁପୁଙ୍ଖ ହେବା ଉଚିତ ବୋଲି ଆଇଜି ଭୋଇ କହିଥିଲେ। ଜିଲାପାଳ କୁଲାଙ୍ଗେ ନିଜ ବକ୍ତବ୍ୟରେ ସ୍ୱଳ୍ପ ପ୍ରଶିକ୍ଷଣ ନେଇ ଗାଡି ଚଳାଇବା ଉଚିତ ନୁହଁ ବୋଲି କହିଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ବିକାଶ ଚୌଧୁରୀ ପ୍ରାରମ୍ଭିକ ସୂଚନା ଦେଇଥିଲେ। ମୁସ୍କାନର ପ୍ରତିନିଧିମାନେ ପ୍ରଶିକ୍ଷକ ଭାବେ ଯୋଗଦେଇ ପୋଲିସ ଓ ପରିବହନ ଅଧିକାରୀଙ୍କୁ ସଡକ ଦୁର୍ଘଟଣା ପରେ ତଦନ୍ତର ବିଭିନ୍ନ ଦିଗ ଓ ତଥ୍ୟ ସଂଗ୍ରହ ନେଇ ପ୍ରଶିକ୍ଷଣ ଦେଇଥିଲେ। ପରିବହନ ବିଭାଗ ଦକ୍ଷିଣାଞ୍ଚଳ ଡେପୁଟି କମିଶନର ଲାଲମୋହନ ସେଠୀ ଧନ୍ୟବାଦ ଦେଇଥିଲେ।

## କୃଷକ ସଭାର ଗଣଧାରଣା

**ସୋରଡ଼ା,୭।୪(ଡି.ଏନ.ଏ.)**

ସୋରଡ଼ା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଓଡିଶା କୃଷକ ସଭା ପକ୍ଷରୁ ଧାରଣା ଦିଆଯାଇଥିଲା। ଜଙ୍ଗଲ ଅଧିକାର ଅନୁଯାୟୀ ଆଦିବାସୀଙ୍କୁ ଜମି ପଟ୍ଟା ଦେବା ପାଇଁ ପଲ୍ଲୀସଭା କରିବା, ସମସ୍ତ ଶ୍ରମିକଙ୍କୁ ଏମଜିଏନ୍‌ଆର୍‌ଇଜିଏସ୍‌ରେ କାମ ଦେବା, ଆଦିବାସୀ ଗ୍ରାମଜଡ଼ାପଲ୍ଲୀ, ରାଜପୁର ସମେତ ସବୁ ଗାଁକୁ ରାସ୍ତା ନିର୍ମାଣ ଓ ପାଇପ ଯୋଗେ ପିଇବା ପାଣି ଯୋଗାଇବା ଆଦି ଦାବି ନେଇ ଧାରଣା ଦିଆଯାଇଥିଲା। କୃଷକ ସଭା ରାଜ୍ୟ ଉପ ସଭାପତି ପି. ହରିକୃଷ୍ଣ ରେଡ୍ଡୀ ଯୋଗ ଦେଇ ରାଜ୍ୟ ସରକାରଙ୍କ ଯୋଜନାଗୁଡିକ ପ୍ରହସନ ପାଲଟିଛି ବୋଲି ଅଭିଯୋଗ କରିଛନ୍ତି। ଦାବି ପୂରଣ ନ ହେଲେ ବ୍ୟାପକ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଥିଲେ । ବ୍ଲକ କୃଷକ ନେତା ଗଣେଶ ପଗଡଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଧାରଣାରେ ଜିଲା କମିଟି ସଭ୍ୟ ବିଷ୍ଣୁ ପ୍ରସାଦ ପାଣିଗ୍ରାହୀ, ନୀଳମଣୀ ଗୁରୁ, ଦାସ ଗମାଙ୍ଗ, ସତ୍ୟ ମଣ୍ଡଳ, ମୁଗୁନା ଗମାଙ୍ଗ, ବୁଲୁ ବଡ଼ରଇତ ପ୍ରମୁଖ ଯୋଗ ସାମିଲ ହୋଇଥିଲେ।

# ବିଜେଡିରେ ମିଶିଲେ ସ୍ୱାଧୀନ କାଉନସିଲର

**କବିସୂର୍ଯ୍ୟନଗର,୭।୪(ଡି.ଏନ.ଏ.)**

କବିସୂର୍ଯ୍ୟନଗର ଏନଏସି ୭ ନମ୍ବର ୱାର୍ଡରେ ଶ୍ୱଶୁର-ଜ୍ୱାଇଁଙ୍କ ମଧ୍ୟରେ କଡା ଟକ୍କର ଦେଖିବାକୁ ମିଳିଥିଲା। ୫ ଥର କାଉନସିଲର ହୋଇଥିବା ବିଜେଡିର ବିଳାସ ବିଷୋୟୀଙ୍କ ସହ ତାଙ୍କ ଜ୍ୱାଇଁ ତଥା ସ୍ୱାଧୀନ ପ୍ରାର୍ଥୀ ଦେବୀପ୍ରସାଦ ସ୍ୱାଇଁ ମଧ୍ୟରେ ପ୍ରତିଦ୍ୱନ୍ଦିତା ହୋଇଥିଲା। ଶେଷରେ ଏକପାଖିଆ ୧୨୪ ଖଣ୍ଡ ବ୍ୟବଧାନରେ ଦେବୀପ୍ରସାଦ ବାଜି ମାରିଥିଲେ। ଗୁରୁବାର ନିଜ ବାସଭବନରେ କାଉନସିଲର ସ୍ୱାଇଁ ଏକ ପ୍ରେସ ମିଟ ଜରିଆରେ ସେ ବିଜେଡିରେ ଥିଲେ, ବିଜେଡି ପାଇଁ କାମ କରିଛନ୍ତି। କିନ୍ତୁ ପୌର ନିର୍ବାଚନରେ ତାଙ୍କୁ ଦଳ ଅଣଦେଖା କରି ପ୍ରାର୍ଥୀ ନ କରିବାରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିଲେ ବୋଲି କହିଥିଲେ। ସେ ଦଳର ଶୃଙ୍ଖଳିତ କର୍ମୀ ଥିବାରୁ ବିଧାୟିକା ଲତିକା ପ୍ରଧାନଙ୍କ ଉପସ୍ଥିତିରେ ପୂର୍ତ୍ତ ବଙ୍ଗଳା ଠାରେ ଗୁରୁବାର ପୁଣି ଦଳରେ ଯୋଗଦେଇଥିବା ସୂଚନା ଦେଇଛନ୍ତି। ପ୍ରାକ୍ତନ ନଗରପାଳ ମନୋରଞ୍ଜନ ମହାପାତ୍ର ଓ ପ୍ରକାଶ ଚନ୍ଦ୍ର ସାହୁ, ବିଜେଡି କାର୍ଯ୍ୟକାରୀ ସଭାପତି ରସଲ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଗୁମ୍ମା ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ମେଳା

**ପାରଳାଖେମୁଣ୍ଡି,୭।୪(ଡି.ଏନ୍.ଏ.)**

ଗୁମ୍ମା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଗୁମ୍ମା ବ୍ଲକ ଅଧକ୍ଷା ସୁନେମି ମଣ୍ଡଳ ଯୋଗଦେଇ ବିଜ୍ଞାନ ମେଳାର ଶୁଭାରମ୍ଭ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଡିଓ ଅନୁପ ଅଭିଷେକ ବେହେରା ଓ ତହସିଲଦାର ଭାସ୍କର ଚନ୍ଦ୍ର ସାହୁ ଯୋଗ ଦେଇଥିଲେ। ବ୍ଲକ ଅନ୍ତର୍ଗତ ମୁନୁସିଂ, ସେରଙ୍ଗ, ଲିଙ୍ଗା, କୋଳାକଟ, କେସିପୁର ଓ ଭୁବନି ସ୍କୁଲର ଛାତ୍ରୀଛାତ୍ର ଯୋଗ ଦେଇ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଅତିଥିମାନେ ଛାତ୍ରୀଛାତ୍ରଙ୍କ ପ୍ରକଳ୍ପକୁ ପ୍ରଶଂସା କରିଥିଲେ। ଗୁମ୍ମା ଉଚ୍ଚ ବିଦ୍ୟାଳୟର ପରିବେଶ ଉପଯୋଗୀ, ମୁନୁସିଂ ବିଦ୍ୟାଳୟର ପରିବହନ ଓ ଚିପରି ପୋଲି ବିଦ୍ୟାଳୟର ସ୍ୱାସ୍ଥ୍ୟ ପ୍ରକଳ୍ପ ଅତି ସୁନ୍ଦର ଭାବରେ ଉପସ୍ଥାପନ କରାଯାଇଥିଲା। ଗୁମ୍ମା ଉଚ୍ଚ ବିଦ୍ୟାଳୟ, ଗୁମ୍ମାର ପ୍ରଧାନଶିକ୍ଷକ ଲିଙ୍ଗରାଜ ପାଢ଼ୀ ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ପରିଚାଳନା କରିଥିଲେ ।

## ନିର୍ବାଚିତ ପୌର ଉପାଧ୍ୟକ୍ଷ

### ଗଞ୍ଜାମ ଜିଲା

**ହିଞ୍ଜିଳିକାଟୁ ମ୍ୟୁନିସିପାଲିଟି**

ସୁଚିତ୍ରା ପଣ୍ଡା
ବିଜେଡି

**ଆସିକା ଏନ୍ଏସି**

ଜୟନ୍ତୀ ବିଷୋୟୀ
ବିଜେଡି

**ପୁରୁଷୋତ୍ତମପୁର ଏନ୍ଏସି**

କୃଷ୍ଣଚନ୍ଦ୍ର ପଣ୍ଡା
ବିଜେଡି

**ପୋଲସରା ଏନ୍ଏସି**

ସନ୍ତୋଷ କୁମାର ବେହେରା
ବିଜେଡି

**ଗୋପାଳପୁର ଏନ୍ଏସି**

ବି.ଉମା
ବିଜେଡି

**ବେଲଗୁଣ୍ଠା ଏନ୍ଏସି**

ଟି. ବବିତା କୁମାରୀ
ବିଜେଡି

**ରମ୍ଭା ଏନ୍ଏସି**

କାଳିଆ ତରେଇ
ଭାଜପା

**କବିସୂର୍ଯ୍ୟନଗର ଏନ୍ଏସି**

ବିକ୍ରାନ୍ତ ସାହୁ
ବିଜେଡି

**ବୁଗୁଡ଼ା ଏନ୍ଏସି**

ଗୀତାଞ୍ଜଳି ପାଢ଼ୀ
ବିଜେଡି

**ଛତ୍ରପୁର ଏନ୍ଏସି**

ଜି. ପାପା ରାଓ
ବିଜେଡି

**ଭଞ୍ଜନଗର ଏନ୍ଏସି**

ଶୁଭଶ୍ରୀ ଦାସ
ବିଜେଡି

**ଦିଗପହଣ୍ଡି ଏନ୍ଏସି**

କେ.ପୂଜା
କଂଗ୍ରେସ

**ଗଞ୍ଜାମ ଏନ୍ଏସି**

ସୁରେନ୍ଦ୍ର ବାରିକ
ବିଜେଡି

**ଖଲ୍ଲିକୋଟ ଏନ୍ଏସି**

ଲିଲି ସାହୁ
ବିଜେଡି

**ସୋରଡ଼ା ଏନ୍ଏସି**

ଭାଗ୍ୟଲତା ଡାକୁଆ
ବିଜେଡି

**ଚିକିଟି ଏନ୍ଏସି**

ଦୁର୍ଗା ପ୍ରସାଦ ଦେଓ
ବିଜେଡି

**କୋଦଳା ଏନ୍ଏସି**

ରଞ୍ଜିତା ସେଠୀ
ଭାଜପା

### କନ୍ଧମାଳ

**ଫୁଲବାଣୀ ମ୍ୟୁନିସିପାଲିଟି**

ପାୟଲ ବେହେରା
ବିଜେଡି

**ବାଲିଗୁଡ଼ା ଏନ୍ଏସି**

ଶାନ୍ତି ନାୟକ
ବିଜେଡି

**ଜି.ଉଦୟଗିରି ଏନ୍ଏସି**

ସନ୍ତୋଷ ବାଘ
ବିଜେଡି

### ଗଜପତି

**ପାରଳାଖେମୁଣ୍ଡି ମ୍ୟୁନିସିପାଲିଟି**

ଲେଙ୍କା ମାଧୁ
ବିଜେଡି

**କାଶୀନଗର ଏନ୍ଏସି**

ରଘୁରାମ ସାହୁ
ବିଜେଡି

## ଛତ୍ରପୁର ଏନ୍ଏସି ୧୦ନଂ. ୱାର୍ଡ ସ୍ୱାଧୀନ କାଉନ୍‌ସିଲର ବିଜେଡିରେ

**ଛତ୍ରପୁର,୭।୪(ଡି.ଏନ୍.ଏ.)**

ଛତ୍ରପୁର ଏନ୍ଏସି ୧୦ନଂ. ୱାର୍ଡର ସ୍ୱାଧୀନ କାଉନ୍‌ସିଲର ଦେବାଶିଷ ମିଶ୍ର ଗୁରୁବାର ବିଜେଡିରେ ମିଶିଛନ୍ତି। ଛତ୍ରପୁର ଶିବ କୁମାର ପଟ୍ଟନାୟକ ରିଡିଂରୁମ ପରିସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ତାଙ୍କୁ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ସ୍ୱାଗତ କରିଥିଲେ। ଏନ୍ଏସି ବିଜେଡି ସଭାପତି ବି. ରାଜୁବାବୁ, ଗଞ୍ଜାମ ଜିଲ୍ଲା ଛାତ୍ର ବିଜେଡି ସଭାପତି ପ୍ରଶାନ୍ତ କୁମାର ପଣ୍ଡା, ଏନ୍ଏସି ଉପାଧ୍ୟକ୍ଷ ଜି. ପାପା ରାଓ, କାଉନସିଲର ପ୍ରୀତିଛନ୍ଦା ସାମଲ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଦେବାଶିଷ ଛାତ୍ର ଜୀବନରୁ ବିଜେଡିରେ ଥିଲେ। ଚଳିତଥର ତାଙ୍କୁ ଦଳ ଟିକେଟ ଦେଇ ନ ଥିବାରୁ ସେ ୧୦ ନଂ ୱାର୍ଡରୁ ସ୍ୱାଧୀନ ପ୍ରାର୍ଥୀ ହୋଇ କାଉନସିଲର ନିର୍ବାଚିତ ହୋଇଥିଲେ।

## ରାସ୍ତା ମଝିରେ ଓଲଟିଲା ହଳଦୀ ବୋଝେଇ ମିନିଟ୍ରକ୍

**ଦିଗପହଣ୍ଡି,୭।୪(ଡି.ଏନ.ଏ.)**

ଦିଗପହଣ୍ଡି-ବ୍ରହ୍ମପୁର ରାସ୍ତାର କରୋଇଶୁଣୀ ମନ୍ଦିର ନିକଟରେ ଏକ ହଳଦି ବୋଝେଇ ମିନିଟ୍ରକ୍ ଭାରସାମ୍ୟ ହରାଇ ରାସ୍ତା ମଝିରେ ଓଲଟିପଡିଛି। ପଛଚକ ଫାଟିଯିବାରୁ ଏଭଳି ଦୁର୍ଘଟଣା ଘଟିଛି। ଏଭଳି ଦୁର୍ଘଟଣା ଘଟିଥିଲେ ମଧ୍ୟ ଚାଳକ ଓ ହେଲ୍‌ପର୍ ସୁରକ୍ଷି ତ ରହିଥିବା ଜଣାପଡିଛି। ଗୁରୁବାର ପାହାନ୍ତିଆ ଚାରି ଘଂଟା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଟ୍ରକ୍ ଚାଳକ ବାଲ୍ମିକୀ ଦଳେଇଙ୍କ ସୂଚନା ପ୍ରକାରେ ଗଜପତି ଜିଲା ଅଡବାରୁ ହଳଦୀ ବୋଝେଇ କରି ବ୍ରହ୍ମପୁର ଅଭିମୁଖେ ଆସୁଥିଲା। ରାତ୍ର ଦୁଇ ଘଂଟା ସମୟରେ ଲୁହାଗୁଡି ଛକରେ କିଛି ସମୟ ବିଶ୍ରାମ ପରେ ଟ୍ରକ୍ ଚଲେଇ ଆସୁଥିବା ସମୟରେ କୋରେଇଶୁଣୀ ମନ୍ଦିର ନିକଟରେ ଟ୍ରକର ପଛ ଚକ ଅଚାନକ ଫାଟିଯିବା ଫଳରେ ଏଭଳି ଘଟଣା ଘଟିଥିଲା ବୋଲି ସେ କହିଛନ୍ତି। ରାସ୍ତା ମଝିରେ ଟ୍ରକ୍‌ଟି ଓଲଟି ପଡିବାରୁ ଉଭୟ ପକ୍ଷରୁ ଯାନବାହାନ ଯାତାୟତରେ ବାଧାପ୍ରାପ୍ତ ହୋଇଥିଲା।

## ସଂକ୍ଷେପରେ

### ତାଲାବନ୍ଦ ଘରେ କଳାକନା ବୁଲାଇଲେ ଚୋର

ବ୍ରହ୍ମପୁର ଅଫିସ,୭।୪:ଚୋର ଗ୍ୟାଙ୍ଗ ଜଣେ ଅଟୋ ଚାଳକ ଗଗନ ପାତ୍ରଙ୍କ ଘରେ କଳାକନା ବୁଲାଇଛନ୍ତି। ସଦର ଥାନା ଅନ୍ତର୍ଗତ ଲୋଚପଡା ସ୍ଥିତ ଋଷିକୂଲ୍ୟା ନଗରର ଏକ ତାଲାବନ୍ଦ ଘରୁ ଗୃହକର୍ତ୍ତାଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଚୋର ଗ୍ୟାଙ୍ଗ ସୁନା ଗହଣା ଚୋରିକରି ନେଇଛନ୍ତି। ବୁଧବାର ରାତିରେ ଘଟଣା ଜଣାପଡ଼ିଛି। ସଦର ଥାନା ପୋଲିସ ଗୁରୁବାର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ପ୍ରକାଶ ଯେ ଗଗନ ପରିବାର ସହିତ ଋଷିକୂଲ୍ୟାନଗର ସପ୍ତମ ଲାଇନରେ ଏକ ଭଡ଼ାଘରେ ରହୁଛନ୍ତି। ସେ ଅଟୋ ଚଳାଇ ନିଜ ପରିବାର ପୋଷଣ କରନ୍ତି। ଗତ ବୁଧବାର ପରିବାର ସହ ତାଙ୍କର ସମ୍ପର୍କୀୟଙ୍କ ଘରକୁ ଭୋଜି ଖାଇବା ପାଇଁ ଯାଇଥିଲେ। ଘରେ ତାଲା ପଡ଼ିଥିଲା। ଭୋଜି ଖାଇ ସେମାନେ ରାତିରେ ଘରକୁ ଫେରିଥିଲେ। ଘରକୁ ଯାଇ ଦେଖିବା ବେଳେ ତାଲା ଭଙ୍ଗା ଯାଇ ଜିନିଷ ପତ୍ର ଫିଙ୍ଗା ଫୋପଡ଼ା ହୋଇଥିବା ବେଳେ ଆଲମୀରାରେ ଥିବା କାନଫୁଲ, ସୁନା ଚୁଡ଼ି ଓ ନଗଦ ୨୦ହଜାର ଟଙ୍କା ଗାଏବ ହୋଇଥିବା ଦେଖିବାକୁ ମିଳିଥିଲା।

### ଛତ୍ରପୁର ବ୍ଲକ ଅଧକ୍ଷାଙ୍କ ଦାୟିତ୍ୱ ଗ୍ରହଣ



ଛତ୍ରପୁର,୭।୪(ଡି.ଏନ୍.ଏ.): ଛତ୍ରପୁର ବ୍ଲକର ନୂତନ ଅଧକ୍ଷା କିରଣ କୁମାରୀ ଦାସ ଗୁରୁବାର ବ୍ଲକ କାର୍ଯ୍ୟାଳୟରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ବିଡିଓ ଶାରଦା ପ୍ରସନ୍ନ ପଣ୍ଡା ଓ ଅନ୍ୟ କର୍ମଚାରୀଙ୍କ ସମେତ ଶୁଭେଚ୍ଛୁମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ନବୀନ ସରକାରଙ୍କ ଲୋକାଭିମୁଖୀ ଯୋଜନାଗୁଡିକ ତଳସ୍ତରରେ ଲୋକଙ୍କ ପାଖରେ କିପରି ପହଞ୍ଚି ପାରିବ ଏବଂ ଛତ୍ରପୁର ବ୍ଲକକୁ ଏକ ନମ୍ବର ଓ ଆଦର୍ଶ ବ୍ଲକ କରିବା ପାଇଁ ସମସ୍ତେ ମିଳିମିଶି କାମ କରିବାକୁ ବ୍ଲକ ଅଧକ୍ଷା ଆହ୍ୱାନ ଦେଇଥିଲେ। ସମସ୍ତ ସରପଞ୍ଚ, ସମିତି ସଭ୍ୟମାନଙ୍କ ସମେତ ଅଶୋକ ପାଣିଗ୍ରାହୀ, ପୂର୍ବତନ ଜିଲା ପରିଷଦ ସଭ୍ୟ ମୁନା ଦାସ ଓ ଏସ୍ କିଶୋର ଚନ୍ଦ୍ର ରେଡ୍ଡୀ, ଜ୍ୟୋତି ରଞ୍ଜନ ସାହୁ, ମଥୁରା ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ।

### ଏନ୍ଏସ୍ଏସ୍ ପକ୍ଷରୁ ଜାତୀୟ ସ୍ୱାସ୍ଥ୍ୟ ଦିବସ

ବ୍ରହ୍ମପୁର ଅଫିସ,୭।୪: ମହାମାୟୀ ମହିଳା ମହାବିଦ୍ୟାଳୟ ଏନ୍ଏସ୍ଏସ୍ ପକ୍ଷରୁ ଗୁରୁବାର ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ରୁବି ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ଏକ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧକ୍ଷ ଏସ୍.ନାରାୟଣ ରାଓ ଅଧକ୍ଷତା କରିଥିଲେ। ଅତିଥି ଭାବେ ରୁବି ଚକ୍ଷୁ ଚିକିତ୍ସାଳୟ ନିର୍ଦ୍ଦେଶକ ପ୍ରଫେସର ବି.ଏନ୍.ଆର. ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧାପକ ସନ୍ତୋଷ ଚୌଧୁରୀ, ଏନ୍ଏସ୍ଏସ୍ ଡ଼ିପିଓ ଅଧାପିକା ସ୍ୱର୍ଣ୍ଣଲତା ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ମୁଖ୍ୟ ଅତିଥି ଡ଼.ସୁବୁଦ୍ଧି ଛାତ୍ରୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ଗଠନ ସହ ଚକ୍ଷୁ ଓ ଦୃଷ୍ଟିଶକ୍ତି ସମ୍ପର୍କରେ ପରାମର୍ଶ ଦେଇଥିଲେ। ଏନ୍ଏସ୍ଏସ ଅଧିକାରୀ ଡ଼କ୍ଟର ଦେବଦର୍ଶନୀ ସାହୁ, ସୁନୀତା ରାଣୀ ଜେନା ଓ ସମିତା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ୧୦୦ ରୁ ଉର୍ଦ୍ଧ୍ୱ ଛାତ୍ରୀ ଚକ୍ଷୁ ପରୀକ୍ଷା କରାଇଥିଲେ।

# ପ୍ରସ୍ତାବରେ ସୀମିତ ବେଢ଼ାବନ୍ଧ ସୌନ୍ଦର୍ଯ୍ୟକରଣ ଯୋଜନା

**ବ୍ରହ୍ମପୁର ଅଫିସ, ୭।୪**

- ବିଏମ୍ସିର ୨୦୨୧-୨୨ ବର୍ଷ ବଜେଟରେ ୫୦ କୋଟି ବରାଦ
- ୧୦ ମାସରେ ଆରମ୍ଭ ହୋଇନି କାମ

ବ୍ରହ୍ମପୁର ଗୋଷାଣୀ ନୂଆଗାଁ ଅଞ୍ଚଳର ପୁରାତନ ବୃହତ୍ତ ଜଳାଶୟ ବେଢ଼ାବନ୍ଧର ପୁନରୁଦ୍ଧାର, ଆଧୁନିକୀ ଓ ସୌନ୍ଦର୍ଯ୍ୟକରଣ ଯୋଜନା ପ୍ରସ୍ତାବରେ ଅଟକିଛି। ବ୍ରହ୍ମପୁର ମହାନଗର ନିଗମ (ବିଏମ୍ସି)ର ଗତବର୍ଷ ଜୁନ୍ ୨୪ରେ ଅନୁଷ୍ଠିତ ୨୦୨୧-୨୨ ବର୍ଷ ବଜେଟରେ ଏଥିପାଇଁ ୫୦ କୋଟିର ବ୍ୟୟବରାଦ ହୋଇଥିଲା। ଏହାର ୧୦ ମାସ ପୂରିବାକୁ ଯାଉଛି ଓ ଅଦ୍ୟାବଧି କାମ ଆରମ୍ଭ ହୋଇ ନ ଥିବା ପ୍ରହସନରେ ପରିଣତ ହୋଇଛି। ଏବେ ୨୦୨୨-୨୩ ଆର୍ଥିକ ବର୍ଷ ଆରମ୍ଭ ହୋଇଛି। ବେଢ଼ାବନ୍ଧ ଯୋଜନା ନେଇ ସଚେତନ ନାଗରିକ ମହଲରେ ନାନା ପ୍ରଶ୍ନ ଉଙ୍କିମାରୁଛି। ସୂଚନାଯୋଗ୍ୟ, ମହାନଗରରେ ୪୨ ଜଳାଶୟ ଅଛି। ସେଥିରୁ ଅର୍ଦ୍ଧେକ ଅବହେଳିତ ହୋଇ ରହିଛି। ଭୂ-ତଳ ଜଳସ୍ତର ଦୀର୍ଘବର୍ଷ ତଳୁ ହ୍ରାସ ପାଇଛି। ସନ୍ତୁଳନ ରକ୍ଷା ନିମନ୍ତେ ବର୍ତ୍ତମାନର ବିଜେଡି ଏମ୍ପି ଚନ୍ଦ୍ରଶେଖର ସାହୁ ୨୦୦୪ ସାଧାରଣ ନିର୍ବାଚନରେ କଂଗ୍ରେସ ଏମ୍ପି ହେବା ପରେ ପ୍ରଥମ ଉପା ସରକାରରେ ମନ୍ତ୍ରୀ ପଦ ପାଇଥିଲେ। କେନ୍ଦ୍ର ସରକାରଙ୍କ ୱାଟର ବଡି ସ୍କିମ୍ରେ ଏହି ୪୨ ପୋଖରୀର ପୁନରୁଦ୍ଧାର ଓ ଆଧୁନିକୀକରଣ ଲାଗି ୧୬ କୋଟି ଟଙ୍କା ମଞ୍ଜୁର କରାଇଥିଲେ। ବ୍ୟୟ ଅଟକଳର ୧୦% ଲେଖାଏ ରାଜ୍ୟ ସରକାର ଓ ପୂର୍ବ ପୌର ପରିଷଦ ବହନ କରିବାର ବ୍ୟବସ୍ଥା ଥିଲା। ୨୦୦୩ ପୌର ନିର୍ବାଚନରେ ଦେଢ଼ଶହ ବର୍ଷର ପୌରସଂସ୍ଥାରେ ପ୍ରଥମ କରି ବିଜେଡି କ୍ଷମତା ଦଖଲ କରିଥିଲା। ସଂରକ୍ଷଣ ଅନୁସାରେ ପ୍ରଥମକରି ମହିଳା ନଗରପାଳ ହୋଇଥିଲେ। କେନ୍ଦ୍ରୀୟ ଅନୁଦାନ ଠିକଣା ଓ ନିର୍ଦ୍ଧାରିତ ସମୟରେ ବିନିଯୋଗରେ ସେତେବେଳର ପରିଷଦ ବିଫଳ ହୋଇଥିଲା।

କେନ୍ଦ୍ର ସରକାରଙ୍କ ଘନ ଘନ ତାଗିଦ ପରେ ବହୁ ବିଳମ୍ବରେ ପୋଖରୀ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହେଲା। ହରିଡ଼ାଖଣ୍ଡି ଓ ଧୋବାବନ୍ଧ ସମେତ ଆଉ କେତେକ ଜଳାଶୟର ତରବରିଆ ଭାବେ ପୁନରୁଦ୍ଧାର କାର୍ଯ୍ୟ କରି ବିପୁଳ ଅର୍ଥ ବିଭିନ୍ନ ଭାବରେ ଅପବ୍ୟୟ କରାଯାଇଥିବା ଅଭିଯୋଗ ଉଠିଥିଲା। ପରବର୍ତ୍ତୀ ୨୦୦୮ ପୌର ନିର୍ବାଚନରେ ମଧ୍ୟ ବିଜେଡି ସଂଖ୍ୟାଗରିଷ୍ଠ ହୋଇ କ୍ଷମତାସୀନ ହୋଇଥିଲା। ତେବେ ୱାଟର ବଡ଼ି ସ୍କିମ୍ରେ ମିଳିଥିବା ଅନୁଦାନ ସମ୍ପୂର୍ଣ୍ଣ ବିନିଯୋଗ ହୋଇ ନ ଥିଲା। ପରବର୍ତ୍ତୀ ସ୍ଥିତିରେ ୱାଟର ବଡ଼ି ସ୍କିମ୍ ଉଭାନ ହୋଇଗଲା। ୨୦୧୩ ନିର୍ବାଚନରେ ନିର୍ବାଚିତ ପରିଷଦ ପୂରା ୫ ବର୍ଷ କ୍ଷମତାରେ ରହିଲା ଏବଂ ବିଭିନ୍ନ ପୋଖରୀ ପୁନରୁଦ୍ଧାର ନାଁରେ ଆଖିବୁଜା ଖର୍ଚ୍ଚ ହୋଇଥିଲା। ତଥାପି ଏବେ ବି ଅନେକ ପୋଖରୀ ଅବହେଳିତ ହୋଇ ଜଳ ପ୍ରଦୂଷିତ ହୋଇଛି।

କେନ୍ଦ୍ରୀୟ ୱାଟର ବଡି ସ୍କିମ୍ରେ ମଧ୍ୟ ବେଢ଼ାବନ୍ଧ ଥିଲା। ତେବେ ସେଥିପ୍ରତି ଆଖି ବୁଜି ଦିଆଯାଇଥିଲା। ୨୦୧୮ ଅକ୍ଟୋବର ଆରମ୍ଭରୁ ବିଏମ୍ସି ସରକାରୀ ପରିଚାଳନାକୁ ଯାଇ ଜିଲାପାଳଙ୍କୁ ପ୍ରଶାସକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଗଲା। ଅମଲାତନ୍ତ୍ର ରାଜୁତିରେ ଗତ ଆର୍ଥିକ ବର୍ଷ ବଜେଟରେ ବେଢ଼ାବନ୍ଧ ପାଇଁ ଆଖିଦୃଶିଆ ବ୍ୟୟ ଅଟକଳ ବରାଦ କରାଗଲା। ବନ୍ଧରେ ପାୱାର ବୋଟିଂ ସହ ଅନ୍ୟାନ୍ୟ ବ୍ୟବସ୍ଥା ଓ ରେଷ୍ଟୁରାଣ୍ଟ ଖୋଲାଯିବାର ବହୁଳ ପ୍ରଚାର କରାଗଲା। ବଜେଟରେ ବ୍ୟୟ ବରାଦର ୧୦ ମାସ ମଧ୍ୟରେ ସୌନ୍ଦର୍ଯ୍ୟକରଣ ତେଣେ ଥାଉ ଅପରିଷ୍କାର ପୋଖରୀ ସଫା କରିବା ଓ ମାଡ଼ିଥିବା ଲଟାବୁଦା ହଟାଯାଇନାହିଁ। ଆଉ ମାତ୍ର ୩ ଦିନ ପରେ ନିର୍ବାଚିତ ପରିଷଦ କ୍ଷମତାସୀନ ହେବ ଏବଂ ମେୟର ଓ କର୍ପୋରେଟରମାନେ କ'ଣ ପଦକ୍ଷେପ ନେବେ ସେଥିପ୍ରତି ନଜର ରଖାଯାଇଛି।

### ଦୁର୍ଘଟଣାରେ ଗୁରୁତର ବ୍ୟକ୍ତିଙ୍କ ମୃତ୍ୟୁ

**ଆର.ଉଦୟଗିରି,୭।୪(ଡି.ଏନ୍.ଏ.)**

ଆର.ଉଦୟଗିରି ଥାନା ଅନ୍ତର୍ଗତ ଛେଲିଗଡ଼ ଗ୍ରାମ ପୋଲ ନିକଟରେ ବୁଧବାର ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ଆରୋହୀ ମନମୋହନ ବୀର (୪୧) ଗୁରୁତର ହୋଇଥିଲେ। ଉକ୍ତ ରାସ୍ତା ଦେଇ ଆର.ଉଦୟଗିରି ତହସିଲଦାର ନାରାୟଣ ବେହେରା କୌଣସି କାମରେ ଯାଉଥିବା ବେଳେ ତାଙ୍କୁ ଉଦ୍ଧାର କରି ନିଜ ସରକାରୀ ଗାଡିରେ ନେଇ ଚନ୍ଦ୍ରଗିରି ମେଡିକାଲରେ ପହଞ୍ଚାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ମନମୋହନଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ତେବେ ଏ ସମ୍ପର୍କରେ ଆର.ଉଦୟଗିରି ଥାନାରେ କୌଣସି ଖବର ନଥିବା ଜଣାଯାଇଛି।

# ବିଏମ୍ସି ନୂଆ ବିଲ୍ଡିଂରେ ପ୍ରଥମ ବୈଠକ ଆଜି

**ବ୍ରହ୍ମପୁର ଅଫିସ,୭।୪**

- ନବନିର୍ବାଚିତ ମେୟର, କର୍ପୋରେଟର ଶପଥ ନେବେ
- ଡେପୁଟି ମେୟର ନିର୍ବାଚନ ହେବ

ବ୍ରହ୍ମପୁର ମହାନଗର ନିଗମ (ବିଏମ୍ସି) ଦୁଇ କୋଟିରୁ ଅଧିକ ଟଙ୍କା ବ୍ୟୟରେ ନିର୍ମିତ ଅତ୍ୟାଧୁନିକ ନୂଆ ବିଲଡିଂ (ସମ୍ମିଳନୀ ଗୃହ)ରେ ଶୁକ୍ରବାର ନବ ନିର୍ବାଚିତ ମେୟର ଏବଂ ୪୨ କର୍ପୋରେଟରଙ୍କ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ। ଏହାସହ ପ୍ରଥମ ପରିଷଦ ବୈଠକ ସାଙ୍ଗକୁ ଡେପୁଟି ମେୟର ନିର୍ବାଚନ କରାଯିବ। ସେଥିପାଇଁ ଗୁରୁବାର ସମସ୍ତ ପ୍ରସ୍ତୁତି ସରିଛି। ମେୟର ଓ ଡେପୁଟି ମେୟରଙ୍କ ଚାମ୍ବର ମଧ୍ୟ ସାଜସଜ୍ଜା ହୋଇଛି। ନିଗମରେ ୱାର୍ଡ ସଂଖ୍ୟା ୪୦ରୁ ଏବେ ୪୨ ହୋଇଛି ଏବଂ ଆଗାମୀ ଦିନରେ ଆହୁରି ବଢ଼ିବା ଲକ୍ଷ୍ୟ ନେଇ ସମ୍ମିଳନୀ କକ୍ଷରେ ୧୫୦ ଜଣ ବସିବା ଭଳି ବ୍ୟବସ୍ଥା କରାଯାଇଛି। ବିଧାନସଭା ଢ଼ାଞ୍ଚାରେ ମାଇକ୍ ମଧ ଲାଗିଛି।



ବିଏମସିର ନୂଆ ସମ୍ମିଳନୀ କକ୍ଷ।

ଶୁକ୍ରବାର ପୂର୍ବାହ୍ନରେ ବିଜେଡି ପକ୍ଷରୁ ସହରର ଆରାଧ ଦେବୀ ମା' ବୁଢ଼ୀ ଠାକୁରାଣୀ ମନ୍ଦିର ପାଖରୁ ନିର୍ବାଚିତ ମେୟର, କର୍ପୋରେଟରଙ୍କ ସମେତ ଦଳର ନେତା ଓ କର୍ମୀ ଶୋଭାଯାତ୍ରାରେ ଆସି ନିଗମ କାର୍ଯ୍ୟାଳୟରେ ପହଞ୍ଚିବେ। ସେହିପରି ଭାଜପାର ୭ କର୍ପୋରେଟର ନେତା ଓ କର୍ମୀଙ୍କ ଗହଣରେ ରାମଲିଙ୍ଗମ ପାର୍କ ନିକଟ ହନୁମାନ ପୀଠ ନିକଟରୁ ରାଲିରେ ବାହାରି ବିଏମ୍ସି ପରିସରରେ ପହଞ୍ଚିବେ। ସଂଖ୍ୟା ନ୍ୟୁନ ଏବଂ ନିଶ୍ଚିତ ପରାଜୟ ଆଶଙ୍କା ଥିବା ସତ୍ତ୍ୱେ ଡେପୁଟି ମେୟର ପଦ ପାଇଁ ପ୍ରାର୍ଥୀ ନିର୍ବାଚନ ଲଢ଼ିବାର ଦଳ ସ୍ପଷ୍ଟ କରିଛି। ଜଣେ କଂଗ୍ରେସ ଓ ୪ ସ୍ୱାଧୀନ କର୍ପୋରେଟର କ'ଣ କରିବେ ତାହା ଅସ୍ପଷ୍ଟ ରହିଛି।

ଅପରପକ୍ଷରେ ୨୦୧୩ ପୌର ନିର୍ବାଚନରେ ନିର୍ବାଚିତ ମେୟର, ଡେପୁଟି ମେୟର ଓ କର୍ପୋରେଟରମାନଙ୍କ ୫ ବର୍ଷିୟା କାର୍ଯ୍ୟକାଳ ୨୦୧୮ ସେପ୍ଟେମ୍ବର ୩୦ରେ ସରିଥିଲା। ପରଦିନ ଅକ୍ଟୋବର ପହିଲାରୁ ବିଏମ୍ସି ପରିଚାଳନା ସରକାରଙ୍କ ନିୟନ୍ତ୍ରଣକୁ ଯାଇଥିଲା। ସ୍ୱାୟତ୍ତ ଶାସନ ସଂସ୍ଥାରେ ସାଢ଼େ ୩ ବର୍ଷ ହେବ ଚାଲିଥିବା ଅମଲାତନ୍ତ୍ରୀ ରାଜୁତିର ଶୁକ୍ରବାରରୁ ଅନ୍ତ ଘଟିବ। ନିର୍ବାଚିତ ପରିଷଦ ଦ୍ୱାରା ପୌର ଶାସନ ଚାଲିବ।

# ଏମ୍କେସିଜିର ୭ ଆସୋସିଏଟ ପ୍ରଫେସରଙ୍କ ବଦଳି

**ବ୍ରହ୍ମପୁର ଅଫିସ, ୭।୪**

ବ୍ରହ୍ମପୁର ବଡ ମେଡିକାଲରେ ଡାକ୍ତର ସମସ୍ୟା ଲାଗି ରହିଛି। ଏହା ସତ୍ତ୍ୱେ ମଧ୍ୟ ଗୁରୁବାର ୭ଜଣ ଆସୋସିଏଟ ପ୍ରଫେସରଙ୍କର ବଦଳି ହୋଇଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ଅନୁଯାୟୀ, ରାଜ୍ୟର ବିଭିନ୍ନ ମେଡିକାଲ କଲେଜରେ କାର୍ଯ୍ୟରତ ୧୨ ଜଣ ଡାକ୍ତରଙ୍କୁ ବିଭିନ୍ନ ମେଡିକାଲ କଲେଜକୁ ବଦଳି କରାଯାଇଛି । ଏହି ୧୨ ଜଣଙ୍କ ମଧ୍ୟରେ କେବଳ ଏମ୍କେସିଜିରୁ ୭ ଜଣ ରହିଛନ୍ତି। ସେମାନଙ୍କ ମଧ୍ୟରେ ସର୍ଜରୀ ବିଭାଗର ଡାକ୍ତର ତାପସ କୁମାର ରାଉତ, ମେଡିସିନ ବିଭାଗର ଡା.ଶୁଭେନ୍ଦୁ ଆଚାର୍ଯ୍ୟ, ଆନାଟୋମୀ ବିଭାଗର ଡା. ଗୋପବନ୍ଧୁ ମିଶ୍ର, ଫାର୍ମାକଲୋଜି ବିଭାଗର ଡା. ରାଜେନ୍ଦ୍ର କୁମାର ପଣ୍ଡା, ସର୍ଜରୀ ବିଭାଗର ଡା. ରାଜେଶ କୁମାର ଦୋରା, ମାଇକ୍ରୋବାୟୋଲୋଜି ବିଭାଗର ଡା. ଏମ୍ଭି ନରସିମା ଏବଂ ଚର୍ମ ଓ ଯୌନରୋଗ ବିଭାଗର ଡା. ସୁରଜିତ ନାୟକଙ୍କୁ କେଉଁଝର ଓ ସୁନ୍ଦରଗଡ ସ୍ଥିତ ମେଡିକାଲ କଲେଜକୁ ବଦଳି କରାଯାଇଛି । ଗତ ମାସରେ ଏମକେସିଜିରେ କାର୍ଯ୍ୟରତ ୧୩ ଜଣ ଡାକ୍ତରଙ୍କ ବିଭିନ୍ନ ସ୍ଥାନକୁ ବଦଳି ହୋଇଥିଲେ। ଏହା ପୂର୍ବରୁ ମଧ ଏଠାରୁ ବହୁ ଡାକ୍ତର ବଦଳି ହୋଇଛନ୍ତି । ହେଲେ ବଦଳି ହେଉଥିବା ଡାକ୍ତରଙ୍କ ବଦଳରେ ଅନ୍ୟ କେହି ନିଯୁକ୍ତ ହେଉନଥିବାରୁ ଏମକେସିଜିରେ ଦିନକୁ ଦିନ ଡାକ୍ତରଙ୍କ ସଂଖ୍ୟା କମିବାରେ ଲାଗିଛି ।

## ଗଞ୍ଜାମ କଳା ପରିଷଦର ବାର୍ଷିକ ଉତ୍ସବ ନେଇ ପ୍ରସ୍ତୁତି ବୈଠକ

**ବ୍ରହ୍ମପୁର ଅଫିସ,୭।୪**

ଗଞ୍ଜାମ କଳା ପରିଷଦ ପକ୍ଷରୁ ବିଷୁବ ମିଳନ ଓ ବାର୍ଷିକ ଉତ୍ସବ ନେଇ ଏକ ପ୍ରସ୍ତୁତି ବୈଠକ ବୁଧବାର ଉତ୍କଳ ଆଶ୍ରମ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିଷଦ ସଭାପତି କୃଷ୍ଣ ଚରଣ ସିଂହ ଅଧ୍ୟକ୍ଷତା କରିଥିଲେ। ଆସନ୍ତା ୧୩ ତାରିଖଠାରୁ ୧୫ ତାରିଖ ଯାଏ ଉତ୍ସବ ପାଳନ ନିମନ୍ତେ ବୈଠକରେ ନିଷ୍ପତ୍ତି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ନୃସିଂହାନନ୍ଦ ମହାପାତ୍ର, ସ୍ୱର୍ଣ୍ଣପ୍ରଭା ପାଢୀ, ସାଧାରଣ ସମ୍ପାଦକ ସୁବୋଧ ପଟ୍ଟନାୟକ, କୋଷାଧ୍ୟକ୍ଷ ଗଗନ ଚାନ୍ଦ ପଟ୍ଟନାୟକଙ୍କ ସମେତ ପରିଷଦର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ପାରଳାଖେମୁଣ୍ଡିରୁ ଅଭିଯୁକ୍ତ ଗିରଫ

**ବ୍ରହ୍ମପୁର ଅଫିସ,୭।୪**

- ବୋମାମାଡ ସହ ଆତଙ୍କ ଘଟଣା
- ଅଫୁଟା ବୋମା ଓ ଖଣ୍ଡା ଜବତ

ବ୍ରହ୍ମପୁର ବଡବଜାର ଥାନା ଅନ୍ତର୍ଗତ ପ୍ରହ୍ଲାଦନଗରରେ ସୋମବାର ବିଳମ୍ବିତ ରାତିରେ ବୋମାମାଡ଼ କରିବା ସହ ଅଞ୍ଚଳରେ ଆତଙ୍କ ଘଟଣାରେ ଫେରାର ଯୁବକଙ୍କୁ ପୋଲିସ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ପାଣ୍ଡବନଗରର ଆଶୀର୍ବାଦ ନାୟକ ଓରଫ ବୁକା(୨୨)। ପୋଲିସ ଆଶୀର୍ବାଦଙ୍କୁ ବ୍ରହ୍ମପୁର ଆଣି ସେ ତାଙ୍କ ଘର ବାରିପଟେ ଲୁଚାଇ ରଖିଥିବା ଦୁଇଟି ଅଫୁଟା ବୋମା ଜବତ କରିଛି। ମାମଲା ନଂ. ୭୩/୨୨ରେ ଗୁରୁବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ପରେ କୋର୍ଟ ନିର୍ଦ୍ଦେଶ ଅନୁଯାୟୀ ଆଶୀର୍ବାଦଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ବୋଲି ପୋଲିସ କହିଛି। ପୂର୍ବରୁ ପୋଲିସ ଘଟଣା ପରେ ଅଭିଯୁକ୍ତଙ୍କ ଘରେ ଚଢାଉ କରି ଘର ଭିତରୁ ଏକ ଖଣ୍ଡା ଜବତ କରିଥିଲା। ସେହିପରି ବୋମାମାଡ ଅଞ୍ଚଳରୁ ଫୁଟା ବୋମାର ଟୁକୁଡ଼ା ମଧ୍ୟ ଜବତ କରିଥିଲା।



ଗିରଫ ଅଭିଯୁକ୍ତ ସହ ଜବତ ବୋମା ଓ ଖଣ୍ଡା

ପ୍ରକାଶ ଯେ, ଗତ ସୋମବାର ରାତିରେ ଦଣ୍ଡନାଚ ପ୍ରସାଦ ଖାଇବା ପାଇଁ ସମୀର ଜେନା ଓ ତାଙ୍କର ଅନ୍ୟ ୩ ଜଣ ସାଙ୍ଗ ପ୍ରହ୍ଲାଦନଗର ଛକରେ ଠିଆ ହୋଇଥିଲେ। ଦୁର୍ବୃତ୍ତ ଜଣଙ୍କ ଏକ ବାଇକ୍ରେ ଆସି ସେଠାରେ ପହଞ୍ଚିଥିଲା। ସେ ବ୍ୟାଗରେ ଧରିଥିବା ୪ଟି ବୋମା ଲଗାତର ଭାବେ ରାସ୍ତା ଉପରେ ଫିଙ୍ଗିଥିଲା। ପରେ ସେ ହାତରେ ଏକ ଖଣ୍ଡା ଧରି ସେଠାରେ ଆତଙ୍କ ଖେଳାଇଥିଲେ। ବୋମାମାଡ଼ରେ ସମୀର ସାମାନ୍ୟ ଆହତ ହୋଇଥିବା ବେଳେ ନିକଟରେ ଶୋଇଥିବା ଏକ ଗାଈ ମଧ୍ୟ ଆହତ ହୋଇଥିଲା। ପୋଲିସ ଘଟଣା ସ୍ଥଳରେ ପହଞ୍ଚିବା ଦେଖି ଦୁର୍ବୃତ୍ତ ଜଣଙ୍କ ଚମ୍ପଟ ମାରିଥିଲେ। ପୋଲିସ ଆହତ ଯୁବକଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲା। ସେହିପରି ଆହତ ଗାଈଟିକୁ ମଧ୍ୟ ପୋଲିସ ଉଦ୍ଧାର କରି ପ୍ରାଣୀ ଚିକିତ୍ସାଳୟ ପଠାଇଥିଲା। ପୂର୍ବ ଶତ୍ରୁତାରୁ ଏହି ଘଟଣା ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ସନ୍ଦେହ କରିଥିଲା। ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କ ସମ୍ପର୍କରେ ସ୍ପଷ୍ଟ ହୋଇଥିଲା। ପରେ ପୋଲିସ ଅଭିଯୁକ୍ତ ଆଶୀର୍ବାଦଙ୍କ ମୋବାଇଲ ଟ୍ରାକିଂ କରି ଗଜପତି ଜିଲା ପାରଳାଖେମୁଣ୍ଡିରୁ ଗୁରୁବାର ସକାଳେ ଗିରଫ କରିଥିବା କହିଛି।

## ମିଲସାହିରେ ପଞ୍ଚୁଦଣ୍ଡ ମହାମିଳନର ଯାତ୍ରା



ଦଣ୍ଡୁଆମାନେ ସାହି ପରିକ୍ରମା କରୁଛନ୍ତି।

**ପୋଲସରା,୭।୪(ଡି.ଏନ.ଏ.)**

ପୋଲସରାରେ ସଂସ୍କୃତି ଓ ପରମ୍ପରାକୁ ନେଇ ମା' ଦଣ୍ଡକାଳୀଙ୍କ ଦଣ୍ଡଯାତ୍ରା ଆରମ୍ଭ ହୋଇଯାଇଛି। ଏହି ଅବସରରେ ପୋଲସରା ମିଲସାହିରେ ଗୁରୁବାର ପଞ୍ଚୁଦଣ୍ଡ ମହାମିଳନର ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୧୩ ଦିନ ଧରି ଚାଲିବାକୁ ଥିବା ଏହି ଯାତ୍ରାରେ ମାନସିକଧାରୀ ଦଣ୍ଡୁଆମାନେ ନିଜେ ନିଜର ମାନସିକ ପୂରଣ ପୂର୍ବକ ନିଷ୍ଠାର ସହ ମା'ଙ୍କ ପୂଜାର୍ଚ୍ଚନା କରୁଛନ୍ତି। ଉକ୍ତ ପଞ୍ଚୁଦଣ୍ଡରେ ଖାରିଆଦଣ୍ଡ, ବଡ଼ଖୋଲ ଦଣ୍ଡ, ରଖାକଣା ଦଣ୍ଡ, ତିରିବିରି ଦଣ୍ଡ ଓ ଚିରିକିପଡା ଦଣ୍ଡର ମହା ମିଳନକୁ ନେଇ ପୋଲସରା ମିଲସାହିରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଭୋରରୁ ପଞ୍ଚୁଦଣ୍ଡର ସମସ୍ତ ମାନସିକ ଦଣ୍ଡୁଆମାନେ ଏକତ୍ରିତ ହୋଇ ବିଧିବଦ୍ଧ ପୂର୍ବକ ଧୂଳିଦଣ୍ଡ ସାରି ସଂକଳ୍ପ ସହିତ ପୋଲସରା ସହର ନିକଟସ୍ଥ କଇଠବନ୍ଧ ପୋଖରୀକୁ ଯାଇ ପୂଜାର୍ଚ୍ଚନା ଓ ଅଗ୍ନି ପୂଜା କରିଥିଲେ। ପାରମ୍ପରିକ ରିତିନୀତିରେ ଢୋଲ ମୃଦଙ୍ଗ ଘଣ୍ଟ ଗିନି ବଜାଇ ମାଁ ଦଣ୍ଡକାଳୀଙ୍କୁ ଆବାହନ କରି ଶ୍ରଦ୍ଧାର ସହ ମା'ଙ୍କୁ ସାଙ୍ଗରେ ନେଇ ପୋଲସରା ମୁଖ୍ୟ ସଡ଼କ ପରିକ୍ରମା କରିଥିଲେ। ପୂର୍ବାହ୍ନରୁ ଅପରାହ୍ନ ପର୍ଯ୍ୟନ୍ତ ପ୍ରବଳ ଖରା ସତ୍ତ୍ୱେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା। ଅପରାହ୍ନରେ ଧୂଳିଦଣ୍ଡ, ପାଣିଦଣ୍ଡ ଓ ଅଗ୍ନିଦଣ୍ଡ ଭାଙ୍ଗିବା ପରେ ରାତିରେ ବିଭିନ୍ନ ଦଣ୍ଡ ପକ୍ଷରୁ ମା'ଙ୍କ ପରଭା ଦଣ୍ଡ ନାଚ ପ୍ରଦର୍ଶିତ ହୋଇଥିଲା। ପରେ ପଞ୍ଚୁଦଣ୍ଡ ପକ୍ଷରୁ ମିଲସାହିର ୫ଟି ସ୍ଥାନରେ ପୌରାଣିକ ଓ ସାମାଜିକ ନାଟକ ପରିବେଷଣ ହୋଇଥିଲା।

## କାଳବୈଶାଖୀ ପ୍ରଭାବରେ ପ୍ରବଳ ବର୍ଷା

**ଆର.ଉଦୟଗିରି,୭।୪(ଡି.ଏନ୍.ଏ.)**

କାଳବୈଶାଖୀ ପ୍ରଭାବରେ ହୋଇଥିବା ବର୍ଷା ପବନରେ ମୋହନା ବ୍ଲକ ଅନ୍ତର୍ବା ଗ୍ରାମର ଓଡ଼ିଆ ସାହି ଓ ତୋଟା ସାହିରେ ବସବାସ କରୁଥିବା ପ୍ରାୟ ୧୩ ପରିବାରର ଘରର ଟିଣ ଓ ଚାଳ ଛପର ଉଡିଯାଇଛି। ଗଛପଡି କାନ୍ଥ ମଧ୍ୟ ଭାଙ୍ଗିଛି। ବର୍ଷା ପବନରେ ପୂର୍ଣ୍ଣଚନ୍ଦ୍ର ସାହୁ, ଲବଙ୍ଗ ବେହେରା, ଭାଗ୍ୟବତୀ ସାହୁ, ବିଶ୍ୱନାଥ କମାର, ଅବସଲମ ପାଳ, ରଘୁନାଥ ବେହେରା, ବାବୁଲା ଗୌଡ, ଅରକ୍ଷିତ ବେହେରା, ଯମୁନା ବେହେରା, କାମୁଣ୍ଡ ବେହେରା, ସାନ କାର୍ଯୀ, ଭିକାରି ପାଇକ, ରମାକାନ୍ତ ଦଳାଇଙ୍କ ବ୍ୟାପକ କ୍ଷତି ହୋଇଛି। ପ୍ରବଳ ବର୍ଷା ହେବାରୁ ଘର ଭିତରେ ପାଣି ପଶିଯାଇ ଅତ୍ୟାବଶ୍ୟକ ସାମଗ୍ରୀ ନଷ୍ଟ ହୋଇଛି। ଚନ୍ଦ୍ରଗିରି ରାଜସ୍ୱ ନିରୀକ୍ଷକ ମିଖାଇଲ ରାଇକା, ଜିଲା ପରିଷଦ ସଭ୍ୟ ସୁନୀଲ କୁମାର ବିଷୋୟୀ, ଜିପିଇଓ ନରସିଂହ ମାଣ୍ଡାଙ୍ଗି, ଅନ୍ତର୍ବା ସରପଞ୍ଚ, ସମିତି ସଭ୍ୟା ପହଞ୍ଚି କ୍ଷତିଗ୍ରସ୍ତ ଘରଗୁଡ଼ିକ ବୁଲି ଦେଖିଛନ୍ତି।

# ବିଜୁଳି କର୍ମଚାରୀ ସଂଘର ଅହୋରାତ୍ର ଧାରଣା ଓ ଆମରଣ ଅନଶନ

**ବ୍ରହ୍ମପୁର ଅଫିସ,୭।୪**

ଟିପିଏସଓଡିଏଲ ଅଧୀନରେ କାର୍ଯ୍ୟ କରୁଥିବା ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦାବିରେ ଓଡ଼ିଶା ବିଜୁଳି କର୍ମଚାରୀ ସଂଘ ପକ୍ଷରୁ ଚାଲିଥିବା ଆନ୍ଦୋଳନ ଗୁରୁବାର ୨୫୯ ଦିନରେ ପହଞ୍ଚିଛି। ଗୁରୁବାରଠାରୁ ସଂଘ ପକ୍ଷରୁ ଟିପିଏସଓଡିଏଲ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଅହୋରାତ୍ର ଧାରଣା ସହ ଆମରଣ ଅନଶନ ଆନ୍ଦୋଳନ ଆରମ୍ଭ ହୋଇଛି। ସଂଘ ପକ୍ଷରୁ କୁହାଯାଇଛି, ଦାବି ପୂରଣ ନ ହେବା ଯାଏ ଏଭଳି ଆନ୍ଦୋଳନ ଜାରି ରହିବ। ଆଜି ୫ ଜଣ କର୍ମଚାରୀ ଆମରଣ ଅନଶନରେ ଯୋଗ ଦେଇଥିବା ବେଳେ ପ୍ରତି ଦିନ ଅଧିକ ସଂଖ୍ୟକ କର୍ମଚାରୀ ଅନଶନରେ ଯୋଗ ଦେବେ ବୋଲି ସଂଘର କାର୍ଯ୍ୟକାରୀ ସଭାପତି ପଞ୍ଚାନନ ଜେନା କହିଛନ୍ତି। ଏଥିପୂର୍ବରୁ ସଂଘ ପକ୍ଷରୁ ରାଜରାସ୍ତାରେ ଭିକ୍ଷା ବୃତ୍ତି, ସଂଗ୍ରାମ ପାଣ୍ଠି ଆଦାୟ, ଟାଟା କର୍ତ୍ତୃପକ୍ଷଙ୍କ ଜୋତା ପଲିସ, ଲଣ୍ଠନ ଓ ଯଜ୍ଞ, କୋକେଇରେ କୁଶପୁତ୍ତଳିକା ରଖି ଶବଦାହ ଭଳି ଅଭିନବ ପ୍ରତିବାଦ କରାଯାଇଛି। କିନ୍ତୁ ଟାଟା କର୍ତ୍ତୃପକ୍ଷ ଦାବି ପୂରଣ କ୍ଷେତ୍ରରେ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା କାରଣରୁ ଆଜିଠାରୁ ଏଭଳି ଆନ୍ଦୋଳନ ପନ୍ଥା ଗ୍ରହଣ କରାଯାଇଥିବା ସଂଘ ପକ୍ଷରୁ କୁହାଯାଇଛି। ଆମରଣ ଅନଶନରେ ସଂଘର ସୁଜିତ କୁମାର ନାୟକ, ସୁଧାଂଶୁ ଶେଖର ପାତ୍ର, ଜଗଦାନନ୍ଦ ସାହୁ, ତ୍ରିଲୋଚନ ବେହେରା ଓ ଜ୍ଞାନ ରଞ୍ଜନ ଦାଶ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସଂଘର ସାଧାରଣ ସମ୍ପାଦକ ବିନୋଦ ସାହୁଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।




ସଂଘ ପକ୍ଷରୁ ଆମରଣ ଅନଶନ।

# ବ୍ରହ୍ମପୁର ବଜାରରେ ଆକାଶଛୁଆଁ ଲେମ୍ବୁ ଦର

**ବ୍ରହ୍ମପୁର ଅଫିସ,୭।୪**

## ଏକମାତ୍ର ଭରସା ଆନ୍ଧ୍ର

ଖାଦ୍ୟ ଓ ପାନୀୟ କ୍ଷେତ୍ରରେ ପ୍ରତ୍ୟେକ ସମୟରେ ଲେମ୍ବୁର ସ୍ୱାଦ ସବୁବେଳେ ସ୍ୱତନ୍ତ୍ର। ଖାସ କରି ଗ୍ରୀଷ୍ମ ଋତୁର ପ୍ରବଳ ଖରା ସମୟରେ ଲେମ୍ବୁର ଚାହିଦା ବୃଦ୍ଧି ପାଇଥାଏ। ସରବତ ଓ ଖାଦ୍ୟରେ ମଧ ଲେମ୍ବୁ ଖାଇବାକୁ ଅନେକେ ଭଲ ପାଆନ୍ତି। ବର୍ତ୍ତମାନ ଗଞ୍ଜାମ ଜିଲାରେ ଦଣ୍ଡଯାତ୍ରା ସମୟରେ ଲେମ୍ବୁ ଚାହିଦା ବୃଦ୍ଧିର ଆଉ ଏକ ମୁଖ୍ୟ କାରଣ । ସାଧାରଣ ଦିନରେ ଲେମ୍ବୁ ଗୋଟାକ ବଜାରରେ ଖୁଚୁରାରେ ୨ ଟଙ୍କାରେ ବିକ୍ରି ହୋଇଥାଏ। ଖରାଦିନେ ଏହି ଦର ବୃଦ୍ଧି ପାଇ ୪ରୁ ୫ ଟଙ୍କା ହୁଏ। କିନ୍ତୁ ଚଳିତ ବର୍ଷ ଲେମ୍ବୁ ଦର ଅହେତୁକ ଭାବେ ବୃଦ୍ଧି ପାଇଛି। ବର୍ତ୍ତମାନ ଖାଉଟି ଦର ଅନୁସାରେ ଲେମ୍ବୁ ଗୋଟା ପିଛା ୮ ରୁ ୧୦ ଟଙ୍କାରେ ବିକ୍ରି ହେଉଛି। ବ୍ରହ୍ମପୁର ବଡ଼ବଜାର ପାଇକାରୀ ଲେମ୍ବୁ ବ୍ୟବସାୟୀ ଉଦୟନାଥ ସାହୁଙ୍କୁ ଲେମ୍ବୁଦର ବୃଦ୍ଧି ସମ୍ପର୍କରେ ପଚାରିବାରୁ ନିୟମିତ ଭାବେ ବ୍ରହ୍ମପୁର ବଜାରରେ ୩୦ ବସ୍ତାରୁ ଉର୍ଦ୍ଧ୍ୱ ଅର୍ଥାତ୍ ୧୫୦୦ କେଜି ଲେମ୍ବୁ ଆବଶ୍ୟକ ହୋଇଥାଏ। ପୂର୍ବରୁ ଓଡ଼ିଶାର ହିଞ୍ଜିଳି କାଟୁରାୟଗଡ଼ା, ଶେରଗଡ଼, ଜାମୁନି ସମେତ ମହାରାଷ୍ଟ୍ରର ସୋଲାପୁର, ଆନ୍ଧ୍ରପ୍ରଦେଶର ଗୁଣ୍ଟୁର, ଏଲୁର, ରାଜମହେନ୍ଦ୍ରୀ ଆଦି ସ୍ଥାନରୁ ଲେମ୍ବୁ ଆମଦାନୀ ହେଉଥିବାରୁ ବଜାର ଦର ନିୟନ୍ତ୍ରିତ ଥିଲା। ପୂର୍ବରୁ ୫୦ କେଜି ବସ୍ତା ପିଛା ୨୫୦୦ରୁ ୩୦୦୦ଟଙ୍କାରେ ଆମଦାନୀ ହେଉଥିଲା। ବର୍ତ୍ତମାନ ଲେମ୍ବୁ ଚାହିଦା ଥିଲେ ସୁଦ୍ଧା ଓଡ଼ିଶାରେ ଉତ୍ପାଦନ ନାହିଁ। ବଜାରର ଚାହିଦା ମେଣ୍ଟାଇବା ନିମନ୍ତେ ଗୋଟିଏ ମାତ୍ର ସାଧନ ହେଉଛି ପଡ଼ୋଶୀ ରାଜ୍ୟ ଆନ୍ଧ୍ର। ଅନ୍ୟପଟେ ଖରାଦିନିଆ ଚାହିଦା, ଟ୍ରାନ୍ସପୋର୍ଟ ଚାର୍ଜ, ତୈଳ ଦର ବୃଦ୍ଧି ଲେମ୍ବୁ ଦର ବୃଦ୍ଧିର ଅନ୍ୟ ଏକ କାରଣ। ବର୍ତ୍ତମାନ ବଜାରରେ ପାଇକାରୀ ଦରରେ ଲେମ୍ବୁ ବସ୍ତା ପିଛା ୪୦୦୦ଟଙ୍କା ବୃଦ୍ଧି ପାଇ ୭୦୦୦ରୁ ୮୦୦୦ଟଙ୍କା ଲେଖାଏ ରହିଛି। ପାଇକାରୀ ଦରବୃଦ୍ଧିରୁ ଖୁଚୁରା ଦର ମଧ ନିମ୍ନିତ ଭାବେ ବଢ଼ିବାରେ ଲାଗିଛି।



ବ୍ରହ୍ମପୁର ବଡ଼ବଜାର ପାଇକାରୀ ଦୋକାନରେ ଲେମ୍ବୁ ବିକ୍ରି ।

